**ଛେଣ୍ଡିପଦାରେ ଉଚ୍ଚନ୍ୟାୟାଳୟର ବିଚାରପତିଙ୍କ ଦ୍ୱାରା ଦେଓ୍ୱାନୀ ବିଚାରପତି(କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନୂତନ ଅଦାଲତ ଉଦଘାଟନ - ଅଦାଲତର ମହତ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଓକିଲମାନେ ମହକିଲମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ।**

ଅନୁଗୋଳ,ତା.୨୧.୦୭:- ଓକିଲମାନେ ସେମାନଙ୍କର ମହକିଲମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ଦୃଢ ସଂକଳ୍ପବଦ୍ଧ ହୋଇ ଆଗେଇ ଆସିବାକୁ ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ନ୍ୟାୟମୂର୍ତ୍ତୀ ଶ୍ରୀ ବିଶ୍ୱନାଥ ରଥ ଆଜି ଛେଣ୍ଡିପଦା ଠାରେ ଦେଓାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତର ନୂତନ ଗୃହର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି । ଓକିଲ ଏବଂ ବିଚରପତିମାନେ ଉଭୟ ପକ୍ଷର ମହକିଲମାନଙ୍କ ମଧ୍ୟରେ ଆପୋଶ ଆଲୋଚନା କରି ମୋକଦ୍ଦମାର ସଂଖ୍ୟା କମାଇପାରିଲେ ଅଦାଲତର ମହତ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ପୂର୍ବରୁ ନ୍ୟାୟ ପାଇଁ ଲୋକମାନେ ଅନୁଗୋଳ ଯାଇ ଖର୍ଚ୍ଚାନ୍ତ ହେଉଥିଲେ । ବର୍ତ୍ତମାନ ସେମାନଙ୍କ ନିକଟରେ ନ୍ୟାୟ ପହଂଚାଇବାର ଉଦ୍ଦେଶ୍ୟ ରଖି ଏହି ଅଦାଲତ ପ୍ରତିଷ୍ଠା ହୋଇଛି । ନିଜ ଅଂଚଳକୁ ମୋକଦ୍ଦମା ମୁକ୍ତ ଅଂଚଳରେ ପରିଣତ କରିପାରିଲେ ମଧୁବାବୁଙ୍କର ସ୍ୱପ୍ନ ସାକାର ହେବ । ଅନୁଗୋଳ ଓ ଛେଣ୍ଡିପଦାର ଓକିଲମାନେ ସେମାନଙ୍କର ପବିତ୍ର ପେଶାକୁ ଦୃଷ୍ଟିରେ ସୀମିତ ପାପ୍ୟରେ ମହକିଲମାନଙ୍କୁ ନ୍ୟାୟ ପ୍ରଦାନ କରିବା ଉପରେ ମାନ୍ୟବର ନ୍ୟାୟମୂର୍ତ୍ତୀ ଗୁରୁତ୍ୱାରୋପ କରିଥିଲେ । ଖୁବ୍ ଶିଘ୍ର ଏଠାରେ ବିଚାରପତି ଓ କର୍ମଚାରୀମାନଙ୍କର ବାସଗୃହ ପ୍ରତିଷ୍ଠା କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏହି ସମାରୋହରେ ଅନୁଗୋଳ ବିଚାର ବିଭାଗର ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ଅଶାନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏ ଅଂଚଳର ଲୋକମାନଙ୍କର ଅଦାଲତ ପ୍ରତିଷ୍ଠା କରିବାର ବହୁଦିନର ଉତ୍କଣ୍ଠାର ଅବସାନ ଘଟିଛି ବୋଲି ପ୍ରକାଶ କରିଥିଲେ । ଏଣିକି ସେମାନଙ୍କ ପାଖରେ ନ୍ୟାୟ ଉପଲବ୍ଧ ହୋଇପାରିବ । ଅଦାଲତ ପ୍ରତିଷ୍ଠା ନିମନ୍ତେ ୨୦୧୭ ରେ ବିଜ୍ଞାପନ ହୋଇ ୨୦୧୯ ରେ ଏହା ପ୍ରତିଷ୍ଠା ଓ କାର୍ଯ୍ୟକ୍ଷମ ହୋଇପାରିଛି । ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାର ସବୁ ସ୍ତରରେ ଲୋକମାନଙ୍କ ପାଇଁ ନ୍ୟାୟ ପହଂଚାଇବାର ନିରନ୍ତର ଉଦ୍ୟମ ଜାରି ରହିଛି । ଗରିବ ଲୋକମାନଙ୍କୁ ମାଗଣା ଆଇନ୍ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଖୁବ୍ ଶିଘ୍ର ଏହି ଅଦାଲତକୁ ତାଲୁକ ଆଇନ୍ ସେବା ପ୍ରାଧିକରଣ ଭାବେ ଘୋଷଣା କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଯୋଗ ଦେଇ ଏହି ଅଦାଲତ ପ୍ରତିଷ୍ଠା ହେବା ଦ୍ୱାରା ଏ ଅଂଚଳର ଲୋକମାନଙ୍କ ନିକଟରେ ତ୍ୱରିତ ନ୍ୟାୟ ପହଂଚାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଲୋକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସ୍ଥାନରେ ଥିବା କଲ୍ୟାଣ ମଣ୍ଡପ ଠାରେ

ଅଦାଲତ ପ୍ରତିଷ୍ଠା କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଛେଣ୍ଡିପଦା ଓକିଲ ସଂଘର ସଭାପତି ଶ୍ରୀ ପ୍ରଭାତ କୁମାର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସମ୍ପାଦକ ଶ୍ରୀ ରାଜ କିଶୋର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।.ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଓକିଲ ସଂଘର ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ସାହୁ ଏହି ସମାରୋହରେ ଯୋଗ ଦେଇ ଛେଣ୍ଡିପଦାରେ ପ୍ରତିଷ୍ଠା ହୋଇଥିବା ଏହି ଅଦାଲତର ସମସ୍ତ ଶ୍ରେୟ ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀ ବିଶ୍ୱନାଥ ରଥଙ୍କୁ ଦେଇଥିଲେ । ବରିଷ୍ଠ ଆଇନଜିବୀ ଶ୍ରୀ ଭୋଳେଶ୍ୱର ବେହେରା ନ୍ୟାୟମୂର୍ତ୍ତୀଙ୍କୁ ସ୍ମୃତିସ୍ମରକୀ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ନ୍ୟାୟମୂର୍ତ୍ତୀଙ୍କୁ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଶୋଭାଯାତ୍ରା ମାଧ୍ୟମରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ, ଫାମିଲ କୋର୍ଟର ବିଚାରପତି ଶ୍ରୀ ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀମତୀ ରୁପଶ୍ରୀ ଚୌଧୁରୀ,ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ, ସି ଜେ ଏମ୍ ଶ୍ରୀ ସୌମ୍ୟକ ପାତ୍ର, ରେଜିଷ୍ଟ୍ରାର ସିଭିଲ କୋର୍ଟ ଶ୍ରୀ ବାସୁଦେବ ଆଚାର୍ଯ୍ୟ, ସିଭିଲ ଜଜ୍ (ସିନିୟର ଡିଭିଜନ) ଶ୍ରୀମତୀ ଲିଲିସ୍ମା ପଶାୟତ, ଏସ୍ ଡି ଜେ ଏମ୍ ଶ୍ରୀ ବିଶ୍ୱଜିତ୍ ନାୟକ, ଅନୁଗୋଳ ଜେ ଏମ୍ ଏଫ୍ ସି ଶ୍ରୀମତୀ ନିଲୋଫର,ଛେଣ୍ଡିପଦା ଜେ ଏମ୍ ଏଫ୍ ସି ଶ୍ରୀମତୀ ଶାନ୍ତା ସାମଲ, କୋର୍ଟ ମ୍ୟାନେଜର ଶ୍ରୀ ସୁମନ କୁମାର ଆଚାର୍ଯ୍ୟ ,ସରକାରୀ ଓକିଲ ଶ୍ରୀ ପରମାନନ୍ଦ ମିଶ୍ର, ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରୋମାଞ୍ଚଳ ଖମାରୀ,ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ,ଅନୁଗୋଳ ଓ ଛେଣ୍ଡିପଦା ବାର ଆସୋସିଏସନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲ । ସେକ୍ରେଟାରୀ ଲିଗାଲ ଏଡ୍ ଅଭିନନ୍ଦିତା ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଡି ଆଇ ଇ ଟି ର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ।


HEARTIEST WELCOME ON
THE OCCASION OF INAUGURATION OF
The Court of Civil Judge
By


HEARTIEST WELCOME ON
THE OCCASION OF INAUGURATION OF



